## ସଂକ୍ଷେପରେ

### ଆର୍‌ଆଇ ଜୟକୃଷ୍ଣ ସାହୁ ନିଲମ୍ବିତ

ଲିଗାଲ ହେୟାର ପ୍ରଦାନରେ ଅନିୟମିତତା

ମାଲକାନଗିରି,୧୩।୮(ଡି.ଏନ୍.ଏ.)- ମାଲକାନଗିରି ଜିଲା କାଲିମେଲା ତହସିଲ୍ ଅଧୀନ ଉଣ୍ଡରୁକୋଣ୍ଡା ସର୍କଲ୍ ଆର୍‌ଆଇ ଜୟକୃଷ୍ଣ ସାହୁ ନିଲମ୍ବିତ ହୋଇଛନ୍ତି। ସୂଚନା ଅନୁଯାୟୀ, ଉଣ୍ଡରୁକୋଣ୍ଡା ଆର୍‌ଆଇ ଏଥିପୂର୍ବରୁ ମହାରାଜପାଲି ସର୍କଲ୍‌ରେ ଆର୍‌ଆଇ ଥିଲେ। ସେଠାରେ ଥିବା ସମୟରେ ସେ ଜଣଙ୍କୁ ଲିଗାଲ୍ ହେୟାର ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି ପ୍ରମାଣ ପତ୍ର ଦେବାର କ୍ଷମତା ତହସିଲଦାରଙ୍କଠାରେ ରହିଥିବାବେଳେ ଆର୍‌ଆଇ ସାହୁ ବେଆଇନ ଭାବେ ନିଜେ ସ୍ୱାକ୍ଷର କରି ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏ ନେଇ ଅଭିଯୋଗ ହେବାପରେ କାଲିମେଲା ତହସିଲଦାର ଦୁର୍ଗା ପ୍ରସାଦ ଦୋରା ଗୁରୁବାର ଜୟକୃଷ୍ଣଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି।

### ଅଂଶୁମାନ ଚିତ୍ରକୋଣ୍ଡାର ନୂତନ ଏସ୍‌ଡିପିଓ



କୋରୁକୋଣ୍ଡା, ୧୩।୮(ଡି.ଏନ୍.ଏ.) ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ନୂତନ ଏସ୍‌ଡିପିଓ ଭାବେ ଅଂଶୁମାନ ଦ୍ୱିବେଦୀ ଶୁକ୍ରବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ସେ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ଏବଂ ଗଞ୍ଜେଇ ଚାଲାଣକୁ ରୋକିବାକୁ ଉଦ୍ୟମ କରିବେ ବୋଲି କହିଛନ୍ତି। ଏହି ଅବସରରେ ତାଙ୍କୁ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ସ୍ୱାଗତ କରିଥିଲେ। ଏଥିପୂର୍ବରୁ ଏସ୍‌ଡିପିଓ ଦାୟିତ୍ୱରେ ଥିବା ସୁନାରାମ ହେମ୍ବ୍ରମଙ୍କ କଳାହାଣ୍ଡି ଜିଲା ଭବାନୀପାଟଣା ସହରକୁ ବଦଳି ହୋଇଛି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଭଲ କାମ କରି ଅଞ୍ଚଳବାସୀଙ୍କ ପ୍ରିୟଭାଜନ ହୋଇପାରିଥିଲେ। ସ୍ୱାଭିମାନ ଅଞ୍ଚଳର ବିକାଶ କ୍ଷେତ୍ରରେ ମଧ୍ୟ ତାଙ୍କ ଅବଦାନ ରହିଥିବା କୁହାଯାଉଛି।

### କଟକଣା ଭିତରେ ହେବ ସ୍ୱାଧୀନତା ଦିବସ

କୋରାପୁଟ,୧୩।୮(ସ୍ୱ.ପ୍ର.)-କୋରାପୁଟ ପୋଲିସ ପଡିଆରେ କରୋନା କଟକଣା ମଧ୍ୟରେ ଜିଲାସ୍ତରୀୟ ସ୍ୱାଧିନତା ଦିବସ କାର୍ଯ୍ୟକ୍ରମ ପାଳନ କରାଯିବ। ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହି ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିବେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ ପ୍ରକାଶ କରିଛନ୍ତି। ସକାଳ ୪ଟା୩୦ରୁ ରାମଧୁନ ପରିବେଷଣ କରାଯିବ। ୭ଟା ୩୦ରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ତଥା କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ୯ଟା.୧୫ରେ ମୁଖ୍ୟ ଅତିଥି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜାତୀୟ ପତାକା ଉତ୍ତୋଳନ କରିବେ। ଚଳିତବର୍ଷ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୪ ପଜିଟିଭ ଚିହ୍ନଟ

କୋରାପୁଟ,୧୩।୮(ସ୍ୱ.ପ୍ର.)- କୋରାପୁଟ ଜିଲାରୁ ଶୁକ୍ରବାର ୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିଭଳି ୧୦ଜଣ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ଜଣାଯାଇଛି। କୋରାପୁଟ ଜିଲା ଜୟପୁର ମୁନିସିପାଲଟିରୁ ୩ ଓ କୋରାପୁଟ ମୁନିସିପାଲଟି ପୁଜାରିପୁଟ ଅଞ୍ଚଳରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ଜିଲାରେ ୩୧ଟି ସକ୍ରୀୟ କେଶ୍ ରହିଥିବା ଜଣାଯାଇଛି।

# ଷ୍ଟେଶନରେ ଆନୁଷଙ୍ଗିକ ବ୍ୟବସ୍ଥା, ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ

ରାୟଗଡ଼ା ଅଫିସ,୧୩।୮

ପୂର୍ବତଟ ରେଲୱେର ୱାଲଟିୟର ଡିଭିଜନ ଡିଆର୍‌ଏମ ଅନୁପ କୁମାର ଶତପଥୀ ଶୁକ୍ରବାର ଅପରାହ୍ନରେ ରାୟଗଡ଼ା ଗସ୍ତକରି ବିଭିନ୍ନ ନିର୍ମାଣ, ମରାମତି କାର୍ଯ୍ୟ ସମେତ ରାୟଗଡ଼ା ଷ୍ଟେଶନର ଆନୁଷଙ୍ଗିକ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଆସି ଡିଆର୍‌ଏମ୍ ବିଶାଖାପାଟଣା–ଜୟପୁର–ରାୟଗଡ଼ା ରେଳ ସେକ୍ସନ ମଧ୍ୟରେ ଚାଲିଥିବା ବିଭିନ୍ନ ରେଳ ପ୍ରକଳ୍ପ ନିର୍ମାଣ ଓ ମରାମତି କାର୍ଯ୍ୟ ତରାରଖ କରିଥିଲେ। ଏଥିସହ ରାୟଗଡ଼ା ରେଳ ଷ୍ଟେଶନରେ ଆନୁଷଙ୍ଗିକ ବ୍ୟବସ୍ଥା ଓ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ରାୟଗଡ଼ା ଷ୍ଟେଶନରେ ଯାତ୍ରୀମାନଙ୍କ ସୁରକ୍ଷା ଓ ସୁବିଧା ନିମନ୍ତେ ଉପଲବ୍ଧ ଆନୁଷଙ୍ଗିକ ବ୍ୟବସ୍ଥା, ସେବା, ପରିମଳ ବ୍ୟବସ୍ଥା, ପରିବହନ ସ୍ଥାନ ତଥା ଗୁଡ୍ସ ସାଇଡିଂ ସହ ନିର୍ମାଣାଧୀନ ନୂତନ ରେଳ ଷ୍ଟେଶନ କାର୍ଯ୍ୟର ଅଗ୍ରଗତି ବିଷୟରେ ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ ୱାଲଟିୟର ଡିଭିଜନର ଡିଆରଏମ୍ ରୂପେ ଶତପଥୀ ଅଗଷ୍ଟ ୧୧ରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ତେଣୁ ଏହା ତାଙ୍କର ପ୍ରଥମ ନିୟମିତ(ରୁଟିନ୍) ଗସ୍ତ ଥିଲା ବୋଲି ଡିଆର୍‌ଏମ୍ ପ୍ରକାଶ କରିଛନ୍ତି। ଏଥିସହ ଶାଖା ଅଧିକାରୀମାନଙ୍କ ସହ ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରିଥିବା ସେ କହିଛନ୍ତି। ଅପରପକ୍ଷେ ଅଗଷ୍ଟ ୧୭ରେ କେନ୍ଦ୍ର ରେଳମନ୍ତ୍ରୀଙ୍କ ଗସ୍ତକୁ ନେଇ ପଚାରିବାରୁ ଡିଆର୍‌ଏମ୍ କହିଛନ୍ତି, ଏ ନେଇ ଉପରିସ୍ଥ ଅଧିକାରୀଙ୍କଠାରୁ କୌଣସି ସୂଚନା ମିଳିନାହିଁ। ସେହିପରି



ଡିଆର୍‌ଏମ୍ ରାୟଗଡା ରେଳଷ୍ଟେଶନରେ ଅନୁଧ୍ୟାନ କରୁଛନ୍ତି ।

### ୱାଲଟିୟର ଡିଆର୍‌ଏମ୍‌ଙ୍କ ରାୟଗଡ଼ା ଗସ୍ତ

ରାୟଗଡ଼ାଠାରେ ନୂତନ ରେଳ ଡିଭିଜନ ପ୍ରତିଷ୍ଠାକୁ ନେଇ ପଚାରିବାରୁ, ନୂତନ ରୂପେ ଦାୟିତ୍ୱ ଗ୍ରହଣ କରିଥିବାରୁ ଏ ନେଇ ବିଶେଷ କିଛି କହିପାରିବେ ନାହିଁ ବୋଲି ସେ କହିଛନ୍ତି। ଡିଆର୍‌ଏମ୍‌ଙ୍କ ଗସ୍ତବେଳେ ସିନିୟର ଡିସିଏମ୍ ଏ. କେ. ତ୍ରିପାଠୀ, ସିନିୟର ଡିଇଏନ୍ ପ୍ରଦୀପ ଯାଦବ, ସିନିୟର ଡିଇଏନ୍(ନର୍ଥ)ଡେଭିଡ ରାଫ୍‌ଡଙ୍କ ସମେତ ରାୟଗଡ଼ା ରେଳ ଷ୍ଟେଶନ ଅଧୀକ୍ଷକ, ଆରପିଏଫ୍ ଓ ଜିଆର୍‌ପି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ମଧ୍ୟ ଡିଆର୍‌ଏମ୍‌ଙ୍କୁ ସାକ୍ଷାତ କରିଥିଲେ।

# ୨.୮୪ କୁଇଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ



ଜବତ ଗଞ୍ଜେଇ, କାର୍ ଓ ଗିରଫ ଅଭିଯୁକ୍ତ।

କୁଡୁମୁଲୁଗୁମ୍ମା/ମାଲକାନଗିରି, ୧୩।୮(ଡି.ଏନ୍.ଏ.)

ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣବେଳେ ମାଲକାନାଗିରି ଜିଲା କୁଡୁମୁଲୁଗୁମ୍ମା ପୋଲିସ ଏକ କାର୍‌ରୁ ୨୮୪ କେଜି ୪୦୦ ଗ୍ରାମ୍ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ତେବେ ଅନ୍ୟ ୨ ଜଣ ଫେରାର ହୋଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ହେଲେ ପୁଟୁଗାଁର ଲକ୍ଷଣ ଖିଲ।

ସୂଚନା ଅନୁଯାୟୀ କୁଡୁମୁଲୁଗୁମ୍ମା ଫାଣ୍ଡି ଅଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଗୁରୁବାର ପାଟ୍ରୋଲିଂ କରିବାବେଳେ ବାଲିମେଳା–ଜୟପୁର ୩୨୬ ନମ୍ବର ଜାତୀୟ ରାଜପଥର ପାଣିଘାଟା ଛକ ନିକଟରେ ଯାନବାହନ ଯାଞ୍ଚ ଚଳାଇଥିଲା। ଏହି ସମୟରେ ସନ୍ଦେହରେ ଏକ କାର୍ (ସିଜି ୧୭ କେଏଫ୍

### କାର୍ ଜବତ: ୨ ଫେରାର

୪୬୧୬)କୁ ପୋଲିସ ଅଟକାଇଥିଲା। ଯାଞ୍ଚବେଳେ ସେଥିରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ତେବେ ଦୂରରୁ ପୋଲିସକୁ ଦେଖି କାର୍‌ରେ ଥିବା ବୁଟିଗୁଡ଼ା ଗ୍ରାମର ଶ୍ୟାମ ଖିଲ ଏବଂ ମାଲକାନଗିରି ଜିଲାର ଅନ୍ୟଜଣେ ବ୍ୟକ୍ତି ଚମ୍ପଟ ମାରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରାବେଳେ ଗଞ୍ଜେଇ ଛତିଶଗଡ଼କୁ ଚାଲାଣ ହେଉଥିବା କହିଥିବା ପୋଲିସ ସୂଚନା ଦେଇଛି। ଏ ନେଇ ପୋଲିସ ପକ୍ଷରୁ ୧୪୪/୨୧ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବାବେଳେ ଫେରାର ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ ପାଇଁ ଉଦ୍ୟମ ଚାଲିଥିବା ଫାଣ୍ଡି ଅଧିକାରୀ କହିଛନ୍ତି।

# ଡିସେମ୍ବର ସୁଦ୍ଧା ଜିଲାର ସବୁ ଗାଁକୁ ବିଦ୍ୟୁତ୍ ସଂଯୋଗ

ରାୟଗଡ଼ା ଅଫିସ,୧୩।୮

- ଜିଲା ଉନ୍ନୟନ ସମୀକ୍ଷା ବୈଠକ
- ମାସ ମଧ୍ୟରେ ରାସ୍ତା ନିର୍ମାଣ ନିର୍ଦ୍ଦେଶ
- ଶୀଘ୍ର ବ୍ୟବସ୍ଥା ନ କଲେ ସମ୍ପୃକ୍ତ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ରାୟଗଡ଼ା ଜିଲା ଉନ୍ନୟନ ସମୀକ୍ଷା ବୈଠକ ସ୍ଥାନୀୟ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡିଆର୍‌ଡିଏ ପିଡି ମହେଶ୍ୱର ନାୟକ, ବିଭିନ୍ନ ବିଭାଗର ଅଧିକାରୀ, ଜିଲାର ସମସ୍ତ ବିଡିଓ ଉପସ୍ଥିତ ଥିଲେ। ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଯଥା ପାନୀୟ ଜଳ, ବିଦ୍ୟୁତ୍, ଗ୍ରାମାଞ୍ଚଳରେ ରାସ୍ତାକାମ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଓଏଲ୍‌ଏମ୍, ମିଶନ ଶକ୍ତି ଗୃହ, ଆକାଂକ୍ଷୀ ଉଚ୍ଚ ବିଦ୍ୟାଳୟ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛ ଭାରତ ମିଶନ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା।

ଗ୍ରାମାଞ୍ଚଳରେ ବିଦ୍ୟୁତୀକରଣ ବିଷୟରେ ଆଲୋଚନା କରି ଜିଲାପାଳ କହିଛନ୍ତି, ବିଦ୍ୟୁତ୍ ସେବା ପହଞ୍ଚି ନ ଥିବା ଗ୍ରାମଗୁଡ଼ିକରେ ସାଉଥ୍‌କୋ ଏବଂ ବ୍ଲକ କର୍ମଚାରୀ ମିଳିତ ସର୍ଭେ କରି ୭ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବେ। ଡିସେମ୍ବର ୩୧ ସୁଦ୍ଧା ସମସ୍ତ ଗାଁକୁ ବିଦ୍ୟୁତ୍ ସଂଯୋଗ କାମ ସାରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଗୃହଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ ହେବ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବିଷୟରେ ଆଲୋଚନା କରି ଜିଲାରେ ରାସ୍ତା ନ ଥିବା ୪୨୩ ଗାଁକୁ ୩ ମାସ ମଧ୍ୟରେ ରାସ୍ତା ନିର୍ମାଣ କାମ ସାରିବାକୁ ସମ୍ପୃକ୍ତ ବିଡିଓମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପ୍ରତ୍ୟେକ ପଞ୍ଚାୟତ ସଦରଠାରେ ଗୋଟିଏ ପାର୍କ, ପାଠାଗାର, ଏସ୍‌ଏଚ୍‌ଜି ଗୃହ, ଖେଳପଡ଼ିଆ, ସ୍ୱଚ୍ଛ ଭାରତ ମିଶନ ପାଇଁ କଠିନ ବର୍ଜ୍ୟବସ୍ତୁ ପୃଥକୀକରଣ କେନ୍ଦ୍ର ୩ ମାସ ମଧ୍ୟରେ ନିର୍ମାଣ କରାଯିବ। ଅଣକୁଶଳୀ ଶ୍ରମିକଙ୍କୁ ଅଧିକରୁ ଅଧିକ କାମ ଯୋଗାଇ ଦିଆଯିବ। ଓଏଲ୍‌ଏମ୍ ଜରିଆରେ ସୀମାନ୍ତ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ କାମ ଯୋଗାଇବାକୁ ବିଡିଓମାନଙ୍କୁ କୁହାଯାଇଛି। ଉତ୍ପାଦିତ ଦ୍ରବ୍ୟର ବିପଣନ ପାଇଁ ସହାୟତା ଯୋଗାଇ ଦିଆଯିବ। ସେହିଭଳି ମିଶନ ଶକ୍ତି ଗୃହଗୁଡ଼ିକର ନିର୍ମାଣ ସହ ସେଥିରେ ପାଣି, ପାଇଖାନା ଓ ବିଦ୍ୟୁତ୍ ସଂଯୋଗ କରି ସେପ୍ଟେମ୍ବର ୧୫ ସୁଦ୍ଧା ସିଡିପିଓଙ୍କୁ ଗୃହ ହସ୍ତାନ୍ତର କରିବାକୁ କୁହାଯାଇଛି। ଅଙ୍ଗନୱାଡି କେନ୍ଦ୍ରରେ ମଧ୍ୟ ତୁରନ୍ତ କାମ ସାରି ହସ୍ତାନ୍ତର କରିବାକୁ କୁହାଯାଉଛି। ସେହିପରି ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ପାନୀୟ ଜଳ ଯୋଗାଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମେତ ରାସ୍ତାଘାଟ, ବିଦ୍ୟୁତ୍ ଓ ପାନୀୟ ଜଳ ନ ଥିବା ଗ୍ରାମରେ ଶୀଘ୍ର ବ୍ୟବସ୍ଥା ନ କଲେ ସମ୍ପୃକ୍ତ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହା ବ୍ୟତୀତ ଘରଡ଼ିହ ନ ଥିବା ଲୋକମାନଙ୍କୁ ତହସିଲଦାର ଜମିଦେବେ ଏବଂ ସେଠାରେ କ୍ଲଷ୍ଟର ଗୃହ ନିର୍ମାଣ କରି ଯୋଗାଇ ଦିଆଯିବ ବୋଲି କୁହାଯାଇଛି।




ରାତିପାହିଲେ ସ୍ୱାଧୀନତା ଦିବସ ପାଳନ ହେବ। ହେଲେ ମାଲକାନଗିରି ଜିଲା କୋରୁକୋଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ଥାପିତ ଅଶୋକ ସ୍ତମ୍ଭ ଭଗ୍ନ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ପ୍ରାୟ ୩ ବର୍ଷ ହେଲା ଏହି ଅଶୋକ ସ୍ତମ୍ଭ ଭଗ୍ନ ଅବସ୍ଥାରେ ରହିଥିଲେ ମଧ୍ୟ ଏହାର ମରାମତି ନିମନ୍ତେ ପଞ୍ଚାୟତ କର୍ତ୍ତୃପକ୍ଷ, ନିର୍ବାଚିତ ପ୍ରତିନିଧି କିମ୍ବା ପ୍ରଶାସନ କାହାର ଦୃଷ୍ଟି ପଡୁନାହିଁ।

### ଚନ୍ଦନା ମଲ୍ଲିକ ଜିଲା କ୍ରୀଡା ସଂଘ ମହିଳା ସଂଯୋଜକ

ଉମରକୋଟ, ୧୩।୮(ସ୍ୱ.ପ୍ର.)



ନବରଙ୍ଗପୁର ଜିଲା କ୍ରୀଡା ସଂଘ ମହିଳା ସଂଯୋଜକ ଭାବେ ଉମରକୋଟର ଚନ୍ଦନା ମଲ୍ଲିକ ମନୋନୀତ ହୋଇଛନ୍ତି। ଜିଲା କ୍ରୀଡା ସଂଘ ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ ଏକ ଚିଠି ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ଏହା ଦ୍ୱାରା ଜିଲାର ସମସ୍ତ ମହିଳା ଖେଳାଳି ଉପକୃତ ହେବେବୋଲି ସଭାପତି ଓ ସମ୍ପାଦକ ଆଶା ପ୍ରକଟ କରିଛନ୍ତି। ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀ କ୍ରୀଡା, ତଥା ମହିଳା କ୍ରୀଡାବିତଙ୍କୁ ଉତ୍ସାହିତ କରିଛନ୍ତି। ସେହିଭଳି ନବରଙ୍ଗପୁର ଜିଲା କ୍ରୀଡା ସଂଘ ମଧ୍ୟ ମହିଳା କ୍ରୀଡ଼ାବିତଙ୍କ ଖେଳ ସମ୍ବନ୍ଧୀୟ ସମସ୍ତ କଥା ବୁଝିବା ଲକ୍ଷ୍ୟରେ ତାଙ୍କୁ ମନୋନୀତ କରାଯାଇଛି ବୋଲି ସୂଚନା ମିଳିଛି।

### ଖାଦ୍ୟଶସ୍ୟରୁ ବ୍ୟଞ୍ଜନ ପ୍ରସ୍ତୁତି ତାଲିମ

ଜୟପୁର ୧୩।୮ (ନି.ପ୍ର.)

ଓଡିଶା ମିଲେଟସ ମିଶନରେ କୋରାପୁଟ ଜିଲାର ୮ ବ୍ଲକର ୧୬ଟି ଏସ୍‌ଏସ୍‌ଜିକୁ ଏମ୍.ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନଠାରେ ଓସନ ସଂସ୍ଥା ପକ୍ଷରୁ ୨ ଦୁନିଆ ଆବାସିକ ତାଲିମ ଦିଆଯାଇଛି। କ୍ଷୁଦ୍ର ଶସ୍ୟରୁ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତି ବିଷୟରେ ତାଲିମ ଦିଆଯାଇଛି। ତାଲିମ ପାଇଥିବା ମହିଳାମାନେ ନିଜ ନିଜ ଅଞ୍ଚଳରେ ଗୋଟିଏ ଗୋଟିଏ ମିଶନ



ଶକ୍ତି ଟିଫିନ ସେଣ୍ଟର ନାମରେ ଜଳଖିଆ କେନ୍ଦ୍ର ଆରମ୍ଭ କରିବେ। ଏହି କେନ୍ଦ୍ର ଗୁଡିକରେ କ୍ଷୁଦ୍ର ଶଷ୍ୟରୁ ପ୍ରସ୍ତୁତ ଜଳଖିଆ ମିଳିବ। ଏହି ଟିଫିନ ସେଣ୍ଟର ପାଇଁ ଏହି ଏସ୍‌ଏଚ୍‌ଜିମାନଙ୍କୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ।

# କରୋନା ସଚେତନତା ବାଣ୍ଟୁଛନ୍ତି ନୌସେନା କର୍ମଚାରୀ

ବିଷମକଟକ,୧୩।୮(ଡି.ଏନ୍.ଏ.)

ଲୋକଙ୍କ ସେବା କରିବା ପାଇଁ କିଏ କେଉଁ ରାସ୍ତା ଅପଣାଇଥାନ୍ତି। ଭାରତୀୟ ନୌସେନାରେ କାର୍ଯ୍ୟ କରୁଥିବା ତାମିଲ୍‌ନାଡୁର ଏନ୍. ଶ୍ରୀନିବାସ ଆଚାର୍ଯ୍ୟୁଲୁ (୫୭) ଲୋକଙ୍କ ନିକଟରେ କୋଭିଡ୍ ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ଅଭିନବ ଅଭିଯାନ ଚଳାଇଛନ୍ତି। ବାଇକ୍‌ରେ ୧୨ ଦିନରେ ବିଭିନ୍ନ ରାଜ୍ୟ ଭ୍ରମଣ କରି ଲୋକଙ୍କୁ ସଚେତନ କରିବାର ଲକ୍ଷ୍ୟ ରଖିଛନ୍ତି। ଶୁକ୍ରବାର ସେ ରାୟଗଡ଼ା ଜିଲାର ବିଷମକଟକଠାରେ ପହଞ୍ଚି ଲୋକଙ୍କୁ ସଚେତନ କରିଥିଲେ। ୧୨ ଦିନରେ ୩୧୨୨ କିମି ଯାତ୍ରା ଲକ୍ଷ୍ୟ ରଖିଥିବା ଶ୍ରୀନିବାସ ଅଗଷ୍ଟ ୧୧ରେ ତାମିଲନାଡୁରୁ ବାହାରିଥିବାବେଳେ ଆନ୍ଧ୍ର ପ୍ରଦେଶ, ଓଡ଼ିଶା, ଛତିଶଗଡ଼, ମହାରାଷ୍ଟ୍ର, ତେଲଙ୍ଗାନା ଯାତ୍ରା କରି ଅଗଷ୍ଟ ୧୫ରେ ନାଗପୁରରେ ପହଞ୍ଚିବା ନିମନ୍ତେ ଲକ୍ଷ୍ୟ ରଖିଛନ୍ତି। ବିଷମକଟକଠାରେ ସେ ବିଭିନ୍ନ ଦୋକାନ, ହୋଟେଲ ବୁଲି ସାମାଜିକ




ଏନ୍. ଶ୍ରୀନିବାସ ଆଚାର୍ଯ୍ୟୁଲୁ

### ତାମିଲ୍‌ନାଡୁରୁ ୧୨ ଦିନିଆ ବାଇକ୍ ଯାତ୍ରା

ଦୂରତ୍ୱ ରକ୍ଷା, ଘରୁ ବାହାରିଲେ ମାସ୍କ ବ୍ୟବହାର, ବାରମ୍ବାର ହାତ ସାନଟାଇଜ୍ କରିବା ଓ ଗୋଟିଏ ଜାଗାରେ ଭିଡ଼ ନ କରିବା ଏବଂ ସ୍ଥାନୀୟ କରୋନା ଯୋଦ୍ଧା ତଥା ପୋଲିସ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ସେନା ବାହିନୀକୁ ସହଯୋଗ କରିବା ନିମନ୍ତେ ସଚେତନ କରିଥିଲେ। ଏଥିସହ ସେ ଲୋକଙ୍କୁ ମାସ୍କ ଓ ସାନିଟାଇଜର ବାଣ୍ଟିଥିଲେ। ତାଙ୍କର ଏହି ମହାନ କାର୍ଯ୍ୟକୁ ଅଞ୍ଚଳବାସୀ ବେଶ୍ ପ୍ରଶଂସା କରିଛନ୍ତି।

# ଗୋ–ସୁରକ୍ଷା ସମିତି ପକ୍ଷରୁ ରାସ୍ତା ଅବରୋଧ

ମାଥିଲି, ୧୩।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ସଦର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଦିନ ତଳେ ବୋଲେରୋ ଧକ୍କାରେ ଏକ ବାଛୁରୀ ୪ ଗୋଡ଼ ଭାଙ୍ଗି ଗୁରୁତର ହୋଇଥିଲା। ଗାଡ଼ିଟି ଦୁର୍ଘଟଣା ଘଟାଇ ଦ୍ରୁତଗତିରେ ଚାଲିଯାଇଥିବାବେଳେ ବାଛୁରୀ ମାଲିକଙ୍କ ମଧ୍ୟ ଠିକଣା ମିଳି ନ ଥିଲା। ଫଳରେ ୩ ଦିନ ଧରି ଅଞ୍ଚଳବାସୀଙ୍କ ସହଯୋଗରେ ମାଥିଲି ଗୋ–ସୁରକ୍ଷା ସମିତି ଆବାହକ ଏମ୍.ରାବଣା ବାଛୁରୀଟିର ସେବା କରିଆସୁଛନ୍ତି। ତେବେ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଏହାର ପ୍ରତିବାଦରେ ଶୁକ୍ରବାର ଅପରାହ୍ନରେ ମାଲକାନଗିରି ଗୋ–ସୁରକ୍ଷା ସମିତି ଅଧ୍ୟକ୍ଷ ମାଧବ ଚୈତନ୍ୟଙ୍କ ଅଧ୍ୟକ୍ଷତାରେ ମାଥିଲି, ଜୟପୁର ଓ ମୋଟୁକୁ ସଂଯୋଗ କରୁଥିବା ୩୨୬ ନଂ.



ଗୁରୁତର ବାଛୁରୀକୁ ରଖି ରାସ୍ତା ଅବରୋଧ କରାଯାଇଛି ।

### ଦୁର୍ଘଟଣାରେ ବାଛୁରୀ ଗୁରୁତର

ଜାତୀୟ ରାଜପଥ ୧ଘଣ୍ଟା ଧରି ଅବରୋଧ କରାଯାଇଥିଲା। ଶତାଧିକ ଗୋରୁ ଦୁର୍ଘଟଣାର ଶିକାର ହେଉଥିବାବେଳେ ପ୍ରଶାସନ ଏବଂ ଗୋରୁ ମାଲିକମାନେ ନୀରବ ରହୁଥିବା ସମିତି ପକ୍ଷରୁ ଅଭିଯୋଗ ହୋଇଛି। ଏଥିସହ ଏହାର ପ୍ରତିକାର ନିମନ୍ତେ ପ୍ରଶାସନ ପଦକ୍ଷେପ ନେବା ନିମନ୍ତେ ସ୍ଥାନୀୟ ତହସିଲଦାର, ବିଡିଓ, ଥାନାଧିକାରୀ, ଜିଲାପାଳ ଓ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଲିଖିତ ଦରଖାସ୍ତ ପ୍ରଦାନ କରାଯାଇଛି।

# ଗୁଣପୁରରେ ହେବ ଇନ୍‌ଡୋର୍ ଷ୍ଟାଡିୟମ୍

ଗୁଣପୁର, ୧୩।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରଠାରେ ଇନ୍‌ଡୋର୍ ଷ୍ଟାଡିୟମ ନିର୍ମାଣ ନେଇ ଶୁକ୍ରବାର ଅନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଏଥିଲାଗି ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପଠାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ସୁଧୀର ଦାସ, ଜିଲା ପରିଷଦ ସଭ୍ୟ ଅଶ୍ୱିନି ଗମାଙ୍ଗ, ଜିଲା ଛାତ୍ର ବିଜେଡି ସଭାପତି ବିଷ୍ଣୁ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଗୁଣପୁରଠାରେ ଇନ୍‌ଡୋର୍ ଷ୍ଟାଡିୟମ ନିର୍ମାଣ ନେଇ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ୯କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ଷ୍ଟାଡିୟମ୍ ନିର୍ମାଣ ହେବ ବୋଲି ଜଣାପଡ଼ିଛି।

# ପୋଲାଭରମ୍ ପ୍ରକଳ୍ପ କ୍ଷତିଗ୍ରସ୍ତଙ୍କୁ ଥଇଥାନ ଦାବି

ମାଲକାନଗିରି,୧୩।୮(ଡି.ଏନ୍.ଏ.)

ପୋଲାଭରମ ପ୍ରକଳ୍ପକୁ ବିରୋଧ କରି ସିପିଆଇ(ଏମ୍)ର ଜିଲା ଆବାହକ ବ୍ରଜ ମାଝିଙ୍କ ନେତୃତ୍ୱରେ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମାଲକାନଗିରି ଜିଲାପାଳଙ୍କ ଜରିଆରେ ପ୍ରଦାନ କରିଛନ୍ତି।

### ସିପିଆଇ(ଏମ୍) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଏହି ପ୍ରକଳ୍ପ ଦ୍ୱାରା ଆନ୍ଧ୍ର ପ୍ରଦେଶର ଅନେକ ଗାଁର କ୍ଷତି ହେବା ସହ ମାଲକାନଗିରି ଜିଲାର ମୋଟୁ ଅଞ୍ଚଳର ମଧ୍ୟ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବ। ଆନ୍ଧ୍ର ସରକାର ନିଜ ରାଜ୍ୟର କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ପାଇଁ ଥଇଥାନ ବ୍ୟବସ୍ଥା ଆରମ୍ଭ କରିଥିଲେ ମଧ୍ୟ ଓଡ଼ିଶା ସରକାର ନିଜ ରାଜ୍ୟର କ୍ଷତିଗ୍ରସ୍ତ ହେବାକୁ ଥିବା ଗ୍ରାମଗୁଡ଼ିକରେ ଥଇଥାନ ନେଇ କୌଣସି ବ୍ୟବସ୍ଥା କରୁନାହାନ୍ତି ବୋଲି ସିପିଆଇ(ଏମ୍) ପକ୍ଷରୁ ଅଭିଯୋଗ ହୋଇଛି। ଏଥିସହ କ୍ଷତିଗ୍ରସ୍ତ ହେବାକୁ ଥିବା ଏହି ଗାଁ ଗୁଡ଼ିକରେ ଗ୍ରାମବାସୀଙ୍କ ଥଇଥାନ କରିବା ପାଇଁ ଦାବି କରାଯାଇଛି। ଏଥିରେ ସିପିଆଇ(ଏମ୍)ର ଜିଲା କମିଟି ସଭ୍ୟ ଭୂପେଶ କର୍ମକାର, କୃଷ୍ଣ ତାଣ୍ଡି, ଭଗବାନ ଶିଶା, କାଳିମେଳା ବ୍ଲକ ସଙ୍ଗଠକ ଧବୁଲୁ ବେହେରାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହି ଗ୍ରାମବାସୀଙ୍କ ଥଇଥାନ ନିମନ୍ତେ ରାଜ୍ୟ ସରକାର ତୁରନ୍ତ ଏକ ଟିମ୍ ଗଠନ କରି ସମାଧାନ କରନ୍ତୁ ବୋଲି ନିବେଦନ କରିଛନ୍ତି।




ସିପିଆଇ(ଏମ୍)ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ସ୍ୱାଭିମାନ ଅଞ୍ଚଳର ପୋଡ଼ାଖାଲ ଗାଁକୁ ବିକାଶ ଅପହଞ୍ଚ

ମାଲକାନଗିରି,୧୩।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳ ଯୋଡାମ୍ବ ପଞ୍ଚାୟତର ପୋଡ଼ାଖାଲ ଗ୍ରାମ। ସରକାରୀ ସୁବିଧା ଏଠାରେ ଅପହଞ୍ଚ। ସରକାର ସ୍ୱାଭିମାନ ଅଞ୍ଚଳର ବିକାଶ ନିମନ୍ତେ ଅନେକ ପ୍ରୟାସ କରିଛନ୍ତି ହେଲେ ପୋଡ଼ାଖାଲ ଗାଁକୁ ଏ ପର୍ଯ୍ୟନ୍ତ ପକ୍କାରାସ୍ତାଟିଏ ହୋଇପାରିନାହିଁ। ଆଧୁନିକ ଯୁଗରେ ଲୋକେ ବିକାଶର ଧାରାରେ ଯୋଡ଼ିହେଲେଣି। ହେଲେ ଏହି ଗ୍ରାମ ବିକାଶଠାରୁ ବହୁ ଦୂରରେ। ୨୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ଏହି ଗାଁକୁ ଯିବାକୁ ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଛି ଏକମାତ୍ର ପାଦଚଲା ରାସ୍ତା। ସେହିପରି ଗାଁ ନିକଟ ବାଲିମେଳା ଜଳଭଣ୍ଡାର ପାଣି ଗ୍ରାମବାସୀଙ୍କ ପାନୀୟ ଜଳର ଏକମାତ୍ର ଉତ୍ସ ପାଲଟିଛି। ତେଣୁ ଏହି ପାଣି ବ୍ୟବହାର କରି ଗ୍ରାମବାସୀ ବିଭିନ୍ନ ରୋଗରେ ମଧ୍ୟ ଆକ୍ରାନ୍ତ ହେଉଛନ୍ତି। ତେବେ ରାସ୍ତା, ପାନୀୟ ଜଳ ସମସ୍ୟା ବ୍ୟତୀତ ଗାଁରେ ଅନ୍ୟ ସମସ୍ୟା ମଧ୍ୟ ରହିଛି। ବୟସ୍କମାନେ



ପୋଡ଼ାଖାଲ ଗାଁ ।

### ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ

ବିଭିନ୍ନ ଭତ୍ତାରୁ ମଧ୍ୟ ବଞ୍ଚିତ ଥିବା କହିଛନ୍ତି। ସେହିଭଳି ଗ୍ରାମରେ ବିଦ୍ୟୁତ୍ ସେବା ପହଞ୍ଚି ନ ଥିବାରୁ ପିଲାମାନେ ପାଠପଢ଼ାରୁ ମଧ୍ୟ ବଞ୍ଚିତ ହେଉଥିବା ଜଣାପଡ଼ିଛି। କରୋନା ସମୟରେ ଅନ୍‌ଲାଇନ୍ ପାଠପଢ଼ା ଚାଲିଛି। ହେଲେ ଏଠାରେ ନେଟ୍‌ୱର୍କ ସମସ୍ୟା ଯୋଗୁ ପିଲାମାନେ ଅନ୍‌ଲାଇନ୍ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏ ବିଷୟରେ ଚିତ୍ରକୋଣ୍ଡା ବିଡିଓ ରାହୁଲ ମଣ୍ଡଳଙ୍କୁ ପଚାରିବାରୁ, ସମସ୍ୟାଗୁଡ଼ିକର ସମାଧାନ ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

